# NATIONAL NEWS BULLETIN (ODIA)

## 02nd August - 2025

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଚାଷୀ କଲ୍ୟାଣକୁ ଦୃଷ୍ଟିରେ ରଖି ସରକାର ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ଆରମ୍ଭ କରିଛନ୍ତି; କହିଲେ ପ୍ରଧାନମନ୍ତ୍ରୀ

– ବାରଣାସୀଠାରେ ପିଏମ୍-କିଶାନ ସମ୍ମାନନିଧି ଯୋଜନାର ୨୦ତମ କିସ୍ତି ଅର୍ଥ ପ୍ରଦାନ

- ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକଙ୍କ ପାରିଶ୍ରମିକ ଦୁଇଗୁଣ ବୃଦ୍ଧି
- ବି.ଆର୍.ଆମ୍ବେଦକରଙ୍କ ଆଦର୍ଶ ଆଗାମୀ ପିଢ଼ିକୁ ମାର୍ଗଦର୍ଶକ କରିବ; କହିଲେ ପ୍ରଧାନ ବିଚାରପତି
- ଭାରତକୁ ହସ୍ତାନ୍ତରିତ ହେଲା ଆଉ ୧୬ଟି ଏୟାରବସ୍-ସି-୨୯୫ ପରିବହନ ବିମାନ

ଏବଂ

- ଓଭାଲ ଟେଷ୍ଟରେ ଭାରତର ଦ୍ୱିତୀୟ ଇନିଂସ ବ୍ୟାଟିଂ ଜାରି; ଶତକ ହାସଲ କଲେ ଯଶସ୍ୱୀ ଜୟସ୍ୱାଲ

# ପିଏମ୍ କିଶାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପିଏମ୍ କିଶାନ ସମ୍ମାନନିଧି ଯୋଜନା' କୃଷକ କଲ୍ୟାଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଏକ ଉଦାହରଣ । ଗତ ୧୦ବର୍ଷ ମଧ୍ୟରେ ଚାଷୀଙ୍କ ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ସରକାର ଆନ୍ତରିକତାର ସହ କାର୍ଯ୍ୟ କରିଛନ୍ତି । ଉତ୍ତରପ୍ରଦେଶର ତାଙ୍କ ସଂସଦୀୟ କ୍ଷେତ୍ର ବାରାଣାସୀରୁ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପିଏମ୍ କିଶାନ ସମ୍ମାନନିଧି ଯୋଜନାର ୨୦ତମ କିସ୍ତୀ ଅର୍ଥ ପ୍ରଦାନ କରି ଏହା କହିଛନ୍ତି ।

**V/O (PM Kissan)**

୯ କୋଟି ୭୦ଲକ୍ଷରୁ ଅଧିକ ଚାଷୀଙ୍କୁ ଏହି କିସ୍ତିରେ ୨୧ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି ଯୋଜନା ଅଧୀନରେ ପ୍ରତିବର୍ଷ ୬ହଜାର ଟଙ୍କାର ଆର୍ଥିକ ଅନୁଦାନ ୩ଟି କିସ୍ତିରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରଦାନ କରାଯାଇଥାଏ । ଏ ପର୍ଯ୍ୟନ୍ତ ଏହି ଯୋଜନା ଅଧୀନରେ ମୋଟ୍ ୩ଲକ୍ଷ ୯୦ହଜାର କୋଟିରୁ ଅଧିକ ଟଙ୍କା ବଣ୍ଟନ କରାଯାଇସାରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଚାଷୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ସରକାର ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ଆରମ୍ଭ

କରିଛନ୍ତି । ଏହି ଯୋଜନା ଅଧୀନରେ ୨୪ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇ ଛୋଟ ଜିଲ୍ଲା ଗୁଡ଼ିକର ଉନ୍ନତିକରଣ ଦିଗରେ କାର୍ଯ୍ୟ କରାଯିବ ।

**V/O (Dhanadhanya)**

ପ୍ରଧାନମନ୍ତ୍ରୀ କହିଛନ୍ତି ଅପରେସନ ସିନ୍ଦୂରର ସଫଳତା ପରେ ପ୍ରଥମଥର ପାଇଁ ସେ କାଶୀ ଗସ୍ତ କରିଛନ୍ତି । ବାବା ବିଶ୍ୱନାଥଙ୍କ କୃପା ସହିତ ଭାରତ ପହଲଗାମ ଆକ୍ରମଣ ପୀଡିତଙ୍କୁ ନ୍ୟାୟ ପ୍ରଦାନ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ବାରାଣାସୀଠାରେ ପ୍ରଧାନମନ୍ତ୍ରୀ ପ୍ରାୟ ୨ହଜାର ୨୦୦ କୋଟି ଟଙ୍କା ବ୍ୟୟ ଅଟକଳରେ କେତେକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି ।

## ପିଏମ୍.-ପିଙ୍ଗଲି ଭେଙ୍କୟା

ପିଙ୍ଗଲି ଭେଙ୍କୟାଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଶ୍ରୀ ଭେଙ୍କୟାଙ୍କୁ ସ୍ମରଣ କରିବା ସହ ଭାରତର ତ୍ରିରଙ୍ଗା ପତାକାକୁ ନିର୍ମାଣ କରିବାରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ' କହିଛନ୍ତି। ଏହି ଅବସରରେ ଦେଶର ନାଗରିକମାନେ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନକୁ ପତାକା ଉଡ଼ାଇ ସମର୍ଥନ କରିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି। ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ନାଗରିକମାନେ

ସେମାନଙ୍କର ସେଲ୍‌ଫି ଏବଂ ଫଟୋ ପଠାଇବା ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

## ରେମ୍ୟୁନରେସନ୍- ବିଏଲ୍‌ଓ

ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ଭୋଟର ତାଲିକା ପ୍ରସ୍ତତି ଓ ସଂଶୋଧନରେ ସାମିଲ ଥିବା ବୁଥ୍‌ସ୍ତରୀୟ ପର୍ଯ୍ୟବେକ୍ଷକଙ୍କ ପାରିଶ୍ରମିକକୁ ନିର୍ବାଚନ କମିଶନ ଦୁଇ ଗୁଣକୁ ବୃଦ୍ଧି କରିଛନ୍ତି। କମିଶନଙ୍କୁ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୁଥ୍‌ସ୍ତରୀୟ ଅଧିକାରୀ ବିଏଲ୍‌ଓ'ଙ୍କର ବାର୍ଷିକ ପାରିଶ୍ରମିକ ୬ ହଜାର ଟଙ୍କାରୁ ୧୨ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଭୋଟର ତାଲିକା ପ୍ରସ୍ତୁତି ଏବଂ ସଂଶୋଧନରେ ସାମିଲ ଥିବା ପର୍ଯ୍ୟବେକ୍ଷକଙ୍କର ପ୍ରୋତ୍ସାହନ ରାଶି ୧ ହଜାର ଟଙ୍କାରୁ ୨ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଫଳରେ ଏହି ପର୍ଯ୍ୟବେକ୍ଷକମାନେ ପ୍ରୋତ୍ସାହନ ରାଶି ବାବଦରେ ବାର୍ଷିକ ୧୨ ହଜାର ଟଙ୍କାରୁ ୧୮ ହଜାର ଟଙ୍କା ପର୍ଯ୍ୟନ୍ତ ପାଇବେ। ପ୍ରଥମଥର ପାଇଁ ଭୋଟର ପଞ୍ଜୀକରଣ ଅଧିକାରୀ ଏବଂ ଉପ ପଞ୍ଜୀକରଣ ଅଧିକାରୀଙ୍କୁ ପାରିଶ୍ରମିକ ବାବଦରେ ଯଥାକ୍ରମେ ୩୦ ହଜାର ଏବଂ ୨୫ ହଜାର ଟଙ୍କା ପ୍ରଦାନ କରାଯିବାକୁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି। ବିହାରର ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସ୍ତୁତିରେ ନିୟୋଜିତ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପାଇଁ ୬ ହଜାର ଟଙ୍କାର ଏକ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶିକୁ ନିର୍ବାଚନ କମିଶନ ଅନୁମୋଦନ କରିଛନ୍ତି।

# ଅମୃତ ଉଦ୍ୟାନ ଓପନ୍

ରାଷ୍ଟ୍ରପତି ଭବନ ପରିସରରେ ଅବସ୍ଥିତ ଅମୃତ ଉଦ୍ୟାନ ଚଳିତ ମାସ ୧୬ ତାରିଖରୁ ଆସନ୍ତା ମାସ ୧୪ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଖୋଲା ରହିବ। ରାଷ୍ଟ୍ରପତିଙ୍କ ସଚିବାଳୟର ସୂଚନା ଅନୁଯାୟୀ, ଏହି ଉଦ୍ୟାନ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ। ସୋମବାର ଦିନ ରକ୍ଷଣାବେକ୍ଷଣ ପାଇଁ ଉଦ୍ୟାନ ବନ୍ଦ ରହିବ। ଲୋକମାନେ ଏହି ଉଦ୍ୟାନରେ ବିନାଦେୟରେ ପ୍ରବେଶ କରିପାରିବେ।

# ମୁମ୍ବାଇ-ସିଜିଆଇ

ପ୍ରଧାନ ବିଚାରପତି ଜଷ୍ଟିସ ଭୂଷଣ ଗବାଇ ଆଜି କହିଛନ୍ତି, ବି.ଆର୍. ଆମ୍ବେଦକରଙ୍କ ଦ୍ୱାରା ପ୍ରଦର୍ଶିତ ସାମାଜିକ, ଆର୍ଥିକ, ସମାନତା ଏବଂ ନ୍ୟାୟର ଚିନ୍ତାଧାରା ଆଗାମୀ ପିଢ଼ିକୁ ମାର୍ଗଦର୍ଶନ କରିବ। ନାଗପୁରଠାରେ ଡକ୍ଟର ଆମ୍ବେଦକର ମହାବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ଭାଷଣ ଦେଇ ଜଷ୍ଟିସ ଗବାଇ କହିଛନ୍ତି, ଆମ୍ବେଦକରଙ୍କର ଜୀବନ ସାମାଜିକ, ଆର୍ଥିକ ନ୍ୟାୟର ଚିନ୍ତାଧାରା ଗ୍ରହଣ କରିବାକୁ ଆମକୁ ଶିକ୍ଷା ଦେଇଥାଏ। ସେ କହିଛନ୍ତି, ମହିଳା ସଶକ୍ତୀକରଣ ଡକ୍ଟର ଆମ୍ବେଦକରଙ୍କର ପ୍ରତି ଏକ ପ୍ରକୃତ ଶ୍ରଦ୍ଧାଞ୍ଜଳି। ତାଙ୍କ ବିଚାରଧାରାକୁ ପ୍ରଚାର କରିବା ଆବଶ୍ୟକ ବୋଲି ଜଷ୍ଟିସ ଗବାଇ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ ମଧ୍ୟ ଡକ୍ଟର ଆମ୍ବେଦକର

ମହାବିଦ୍ୟାଳୟକୁ ଅଭିନନ୍ଦନ ଜଣାଇବା ସହ ବିହାର ଏବଂ କେରଳର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତଃ ଆର୍.ଏସ୍.ଗବାଇ ଏବଂ ତାଙ୍କ ପୁତ୍ର ପ୍ରଧାନ ବିଚାରପତି ଜଷ୍ଟିସ ଭୂଷଣ ଗବାଇଙ୍କ ଅନୁଷ୍ଠାନର ବିକାଶରେ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ।

## ଇଣ୍ଡିଆ- ଏୟାରବସ୍ ସି-୨୯୫

ଭାରତକୁ ଆଉ ୧୬ଟି ଏୟାରବସ୍ ସି-୨୯୫ ପରିବହନ ବିମାନ ହସ୍ତାନ୍ତରିତ ହୋଇଛି। ସାମରିକ ପରିବହନ କ୍ଷେତ୍ରକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଏହି ବିମାନଗୁଡ଼ିକୁ ସାମିଲ କରାଯାଇଛି। ସ୍ପେନର ସେଭିଲେଠାରେ ଭାରତର ରାଷ୍ଟ୍ରଦୂତ ଦିନେଶ କେ ପଟ୍ଟନାୟକ ଏବଂ ଭାରତୀୟ ବରିଷ୍ଠ ବାୟୁସେନା ଅଧିକାରୀଙ୍କ ଉପସ୍ଥିତିରେ ଏହି ବିମାନ ହସ୍ତାନ୍ତରଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଭାରତକୁ ମିଳିବାକୁ ଥିବା ପରିବହନ ବିମାନର ପଞ୍ଚମ ତଥା ଶେଷ ପର୍ଯ୍ୟାୟରେ ୧୬ଟି ଯାକ ବିମାନକୁ ହସ୍ତାନ୍ତର କରାଯାଇଛି। ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଳିତ ଭାବେ ଗତ ବର୍ଷ ଅକ୍ଟୋବର ମାସରେ ଗୁଜୁରାଟର ଭଦୋଦରା ଠାରେ ଟାଟା ବିମାନ ପରିସରର ଶୁଭାରମ୍ଭ କରିଥିଲେ। ସେଠାରେ ୪୦ଟି ଅତିରିକ୍ତ ସି-୨୯୫ ବିମାନ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ପଦକ୍ଷେପ ଅଧୀନରେ ମୋଟ ୫୬ଟି ବିମାନ ଭାରତକୁ ହସ୍ତାନ୍ତରିତ ହେବ।

## ଜାମ୍ମୁ-କାଶ୍ମୀର ଏନ୍‌କାଉଣ୍ଟର

ଜାମ୍ମୁ-କାଶ୍ମୀରର କୁଲଗାମ ଜିଲ୍ଲା ଅନ୍ତର୍ଗତ ଅଖଲଦେବସର ଅଞ୍ଚଳରେ ସୁରକ୍ଷା ବାହିନୀ ସହ ଗୁଳବିନିମୟରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସେହି ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଭାରତୀୟ ସେନା, ଜାମ୍ମୁ-କାଶ୍ମୀର ପୁଲିସ ଏବଂ ସିଆରପିଏଫ୍ ପକ୍ଷରୁ ମିଳିତ ଅଭିଯାନ କରାଯାଇଥିଲା। ଗତକାଲି ବିଳମ୍ବିତ ରାତିରେ ଏହି ଅଭିଯାନ ସମୟରେ ଗୁଳିବିନିମୟରେ ଜଣେ ଆତଙ୍କବାଦୀ ନିହତ ହୋଇଥିଲା। ତେବେ ଅନ୍ଧକାର ଯୋଗୁଁ ମିଳିତ ଅଭିଯାନକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଥିଲା ଏବଂ ଆଜି ସକାଳୁ ପୁନଃ ଅଭିଯାନ ସମୟରେ ଗୁଳିବିନିମୟରେ ଆଉ ଜଣେ ଆତଙ୍କବାଦୀର ମୃତ୍ୟୁ ହୋଇଛି।

## ଚାମୋଲି ଲ୍ୟାଣ୍ଡ୍‌ସ ସ୍ଲାଇଡ୍

ଉତ୍ତରାଖଣ୍ଡରେ ଚାମୋଲି ଜିଲ୍ଲାର ହେଲାଙ୍ଗରେ ଟି.ଏଚ୍.ଡି.ସି. ଦ୍ୱାରା ନିର୍ମିତ ବିଷ୍ଣୁଗଡ଼ ପିପଲକୋଟି ଜଳବିଦ୍ୟୁତ ପ୍ରକଳ୍ପର ବନ୍ଧ ସ୍ଥାନରେ ଆଜି ଭୂସ୍ଖଳନ ଘଟିଛି। ଜିଲ୍ଲାର ମାଜିଷ୍ଟ୍ରେଟ୍ ସନ୍ଦୀପ ତିୱାରୀ କହିଛନ୍ତି, ଏହି ଘଟଣାରେ କାହାର ମୃତ୍ୟୁ ହୋଇ ନ ଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଜିଲ୍ଲା ମାଜିଷ୍ଟ୍ରେଟ୍ କହିଛନ୍ତି, ଶ୍ରମିକମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ସହିତ ଟି.ଏଚ୍.ଡି.ସି.କୁ କାମ ଆରମ୍ଭ କରିବା ପାଇଁ କୁହାଯାଇଛି ।

## ଟିଏମ୍-ଫିସରମ୍ୟାନ୍

ଶ୍ରୀଲଙ୍କାର ଜଳଦସ୍ୟୁମାନେ ଆଜି ନାଗପଟ୍ଟିନମ ଜିଲ୍ଲାର ବେଦାରଣ୍ୟମଠାରେ ୧୪ ଜଣ ମତ୍ସ୍ୟଜୀବୀଙ୍କୁ ଆକ୍ରମଣ କରିଛନ୍ତି । ଏହି ମତ୍ସ୍ୟଜୀବୀମାନେ ଏକ ଡଙ୍ଗାରେ ଦୁର୍ଘଟଣା ଘଟିଥିବା ସ୍ଥାନକୁ ଯାଉଥିଲା ବେଳେ ସେମାନଙ୍କୁ ଆକ୍ରମଣ ହୋଇଥିଲା । ଜଳଦସ୍ୟୁମାନେ ମତ୍ସ୍ୟଜୀବୀମାନଙ୍କଠାରୁ ୫ ଲକ୍ଷ ଟଙ୍କାର ମାଛଧରା ଜାଲ, ଯନ୍ତ୍ରପାତିଗୁଡ଼ିକ ନେଇଯାଇଥିଲେ । ଆକ୍ରମଣରେ ଆହତ ହୋଇଥିବା ଧୀବରମାନଙ୍କୁ ନାଗପାଟିନମ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ।

## ପ୍ରଜ୍ୱଳ ଇମ୍ପ୍ରିଜରମେଣ୍ଟ

ଏକ ଦୁଷ୍କର୍ମ ତଥା ଅଶ୍ଳୀଳ ଭିଡିଓ ପ୍ରଚାର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜେ.ଡି.ଏସ୍. ସାଂସଦ ପ୍ରଜ୍ୱଳ ରେଓ୍ୱନ୍ନାଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଛି । ବେଙ୍ଗାଲୁରୁ ସ୍ୱତନ୍ତ୍ର କୋର୍ଟର ବିଚାରପତି ସନ୍ତୋଷ ଗଜାନନ ଭଟ୍ଟ ଏହି ମାମଲାରେ ଗତକାଲି ସାଂସଦ ରେଓ୍ୱନ୍ନାଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାବେଳେ ଆଜି ଦଣ୍ଡାଦେଶ ଘୋଷଣା କରିଛନ୍ତି । ଏଥିସହ ଶ୍ରୀ ରେଓ୍ୱନ୍ନାଙ୍କୁ ୧୦ ଲକ୍ଷ ଟଙ୍କା ଜୋରିମାନା ନିର୍ଦ୍ଦେଶ ଦିଆଯାଇଛି ।  ଏହି ମାମଲାରେ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ଜୋରିମାନା

ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି.ଦେବଗୌଡ଼ାଙ୍କ ନାତି ସାଂସଦ ପ୍ରଜ୍ୱଳ ରେଓ୍ୱନାଙ୍କ ବିରୁଦ୍ଧରେ ଅଶ୍ଳୀଳ ଭିଡିଓ ପ୍ରସାର ଏବଂ ଜଣେ ୪୭ ବର୍ଷୀୟ ମହିଳାଙ୍କୁ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ରହିଥିଲା। ଗତ ବର୍ଷ ମେ’ ୩୧ ତାରିଖରୁ ରେଓ୍ୱାନା ଗିରଫ ହୋଇ ଜେଲରେ ଅଛନ୍ତି।

## ଓଭାଲ ଟେଷ୍ଟ

ଓଭାଲ ଟେଷ୍ଟରେ ଭାରତର ଦ୍ୱିତୀୟ ଇନିଂସ ବ୍ୟାଟିଂ ଜାରି ରହିଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୫ ୱିକେଟ୍ ହରାଇ ୨୩୪ ରନ୍ ସଂଗ୍ରହ କରିଥିଲା। କ୍ରିଜ୍‌ରେ ଯଶସ୍ୱୀ ଜୟସ୍ୱାଲ ଏବଂ ରବୀନ୍ଦ୍ର ଜାଡେଜା ବ୍ୟାଟିଂ କରୁଥିଲେ। ଆଜିର ତୃତୀୟ ଦିନର ଖେଳ ଭାରତ ଗତକାଲିର ଦ୍ୱିତୀୟ ଇନିଂସ ଅସମାପ୍ତ ସ୍କୋର ୨ ୱିକେଟ୍‌ରେ ୭୫ ରନ୍‌ରୁ ଆରମ୍ଭ କରିଥିଲା। କ୍ରିଜ୍‌ରେ ଅପରାଜିତ ଥିବା ଯଶସ୍ୱୀ ଜୟସ୍ୱାଲ ଶତକ ହାସଲ କରିଛନ୍ତି। ଆକାଶଦୀପ ୬୬ ରନ୍ ରନ୍ ସଂଗ୍ରହ କରିଛନ୍ତି। ପ୍ରଥମ ଇନିଂସରେ ଭାରତ ୨୨୪ ରନ୍ ସଂଗ୍ରହ କରିଥିବା ବେଳେ ଇଂଲଣ୍ଡ ୨୪୭ ରନ୍ ସଂଗ୍ରହ କରିଥିଲା।

*****